# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 13 June – 2026

*********************************

## ମୁଖ୍ୟ ସମ୍ବାଦ

- କ୍ରୀଡ଼ା କ୍ଷେତ୍ରରୁ ଆରମ୍ଭ କରି ଦେଶର ଭବିଷ୍ୟତ ଗଠନରେ ଯୁବବର୍ଗଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା ।
- ଜାତୀୟ ଶିକ୍ଷାନୀତି-୨୦୨୦ ଶିକ୍ଷା ବ୍ୟବସ୍ଥାରେ ନୂତନ ଦିଗନ୍ତ ସୃଷ୍ଟି କରିଛି; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଆସନ୍ତାକାଲି ଅନୁଷ୍ଠିତ ହେବ ପତରପେଣ୍ଡି ।

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନକୁ ଅଗ୍ରସର ହେବାନେଇ ପାଣିପାଗ କେନ୍ଦ୍ରର ଆକଳନ ।

Desk

# ପିଏମ୍-ଯୁବଶକ୍ତି

ଦେଶର ଯୁବବର୍ଗ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ବିନିର୍ମାଣ କ୍ଷେତ୍ର, ମହାକାଶ, ସେମିକଣ୍ଡକ୍ଟର ଏବଂ ଡ୍ରୋନ୍ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ବିଶ୍ୱସ୍ତରରେ ଏକ ପ୍ରମୁଖ ଷ୍ଟାର୍ଟଅପ୍ କେନ୍ଦ୍ର ଭାବେ ଉଭା ହୋଇଛି। ଏହି ସଫଳତା ଯୁବବର୍ଗଙ୍କ ଯୋଗୁଁ ସମ୍ଭବ ହୋଇପାରିଛି। କ୍ରୀଡ଼ା କ୍ଷେତ୍ରଠାରୁ ଆରମ୍ଭ କରି ଦେଶର ଭବିଷ୍ୟତ ଗଠନରେ ଯୁବବର୍ଗଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି। ବହୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ଯୁବକ୍ରୀଡ଼ାବିତ୍ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି। ଦେଶରେ ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହୋଇଥିବା ଭିତ୍ତିଭୂମି, ନବସୃଜନ, ଉଦ୍ୟୋଗ କ୍ଷେତ୍ର ଆଦିକୁ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି। ଗତ ୧୨ବର୍ଷ ଧରି କେନ୍ଦ୍ରରେ ଏନ୍‌ଡିଏ ସରକାର ଯୁବ ନେତୃତ୍ୱାଧୀନ ବିକାଶ ଉପରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

Desk

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଦେଶକୁ ବିଶ୍ୱର ଅଗ୍ରଣୀ ଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଯୁବପୀଢ଼ୀଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଧ୍ୟପ୍ରଦେଶର ଭୋପାଳଠାରେ ଆଜି ଯୁବ ଖେଳାଳିଙ୍କ ସହ ମତବିନିମୟ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଜାତୀୟ ଶିକ୍ଷାନୀତି-୨୦୨୦ ଶିକ୍ଷା ବ୍ୟବସ୍ଥାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି। ପାଠପଢ଼ା ସହିତ ଖେଳର ଧାରଣାକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀଙ୍କ ଶିକ୍ଷା, ପ୍ରତିଭା ଓ କୌଶଳର ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ଏକାଡେମିକ ବ୍ୟାଙ୍କ କ୍ରେଡିଟ ଏବଂ ଆପାର୍ ଆଇଡି ଭଳି ନୂତନ ପଦକ୍ଷେପ ଛାତ୍ରଛାତ୍ରୀଙ୍କ ଅନୁଭବ, ସଫଳତା ଓ କୌଶଳକୁ ସ୍ୱୀକୃତି ପ୍ରଦାନ କରିବା ସହିତ ଶିକ୍ଷା ଓ କୌଶଳ ମଧ୍ୟରେ ଦୃଢ଼ ସମନ୍ୱୟ ସ୍ଥାପନ କରୁଛି। ୨୦୩୬ ଅଲମ୍ପିକ ପ୍ରସ୍ତୁତିଠାରୁ ଆରମ୍ଭ କରି ବିକଶିତ ଭାରତ ୨୦୪୭ର ସଂକଳ୍ପ ପୂରଣ ପର୍ଯ୍ୟନ୍ତ ଯୁବଶକ୍ତି ଭାରତର ସାମର୍ଥ୍ୟ ଓ ସମ୍ଭାବନାର ପ୍ରତୀକ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

Desk

# ବେଟି ବଚାଓ-ବେଟି ପଢ଼ାଓ

ଦେଶବ୍ୟାପୀ କନ୍ୟା ସନ୍ତାନଙ୍କୁ ସଶକ୍ତ କରିବା ଏବଂ ସାମାଜିକ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବାରେ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଏକ ପ୍ରମୁଖ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ଉଭା ହୋଇଛି। ୨୦୧୫ ମସିହାରେ ଲିଙ୍ଗଗତ ଅସମାନତା ଏବଂ ବୈଷମ୍ୟକୁ ପ୍ରତିହତ

କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। କନ୍ୟା ସନ୍ତାନଙ୍କର ସୁରକ୍ଷା, ଶିକ୍ଷା, ଏବଂ ବଞ୍ଚିବାର ଅଧିକାରକୁ ସୁରକ୍ଷା ପ୍ରଦାନ କରିବାରେ ଏହି ଯୋଜନା ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ କହିଛି, ଗତ ଦଶନ୍ଧି ମଧ୍ୟରେ ଲିଙ୍ଗଗତ ଅସମାନତା ବହୁ ପରିମାଣରେ ହ୍ରାସ ପାଇଛି। ଶିକ୍ଷା କ୍ଷେତ୍ରରେ କନ୍ୟା ସନ୍ତାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଇଛି। କନ୍ୟା ସନ୍ତାନଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା, ଗୋଷ୍ଠୀଗତ ସଂପୃକ୍ତି, ସଚେତନତା ଏବଂ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱିତ ଭାବେ କାର୍ଯ୍ୟ କରିବାରେ ଏହି ଯୋଜନା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ବୋଲି ମନ୍ତ୍ରଣାଳୟ କହିଛି।

Puri

## ରାଜ୍ୟପାଳଙ୍କ ସମୀକ୍ଷା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପୁରୀ ଗସ୍ତରେ ଯାଇ ନିକଟସ୍ଥ ରେଳଷ୍ଟେସନରେ ଚାଲୁଥିବା ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଷ୍ଟେସନର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ରାଜ୍ୟପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଳଷ୍ଟେସନରେ ଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା, ରହଣୀ ପାଇଁ ୧୦୦ଟି ବିଶ୍ରାମଗୃହ ନିର୍ମାଣ କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

# ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ

ଓଡ଼ିଶାରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ନେଇ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ଆସନ୍ତା ଜୁନ୍ ମାସ ୨୦ ତାରିଖରେ ରାଇରଙ୍ଗପୁରଠାରେ ହେବାକୁ ଥିବା ସମାରୋହରେ ଯୋଗଦେଇ ୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୨ଟି ପ୍ରକଳ୍ପର ଶିଳାନ୍ୟାସ କରିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ପୋଲିସ୍ ପକ୍ଷରୁ ଆସନ୍ତା ୧୯ ଓ ୨୦ ତାରିଖରେ ୧୫୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବାନେଇ ପୂର୍ବାଞ୍ଚଳ ଡିଆଇଜି କହିଛନ୍ତି। ଗତକାଲି ରାଜ୍ୟରେ ବିଜେପି ସରକାର ୨ ବର୍ଷ ପୂରଣ କରିଛନ୍ତି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ସହିତ ନୂତନ ଯୋଜନାର ମଧ୍ୟ ଘୋଷଣା କରାଯାଇଛି।

Sambalpur

# ପତରପେଣ୍ଡି କାର୍ଯ୍ୟକ୍ରମ

ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଆସନ୍ତାକାଲି ନନ୍ଦପଡାର ବମ୍‌ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ଯାତ୍ରା କମିଟି ପକ୍ଷରୁ ଆଡ଼ମ୍ବର ସହକାରେ

ପ୍ରସ୍ତୁତି ଚାଲିଛି। କନ୍ୟା ପିତାମାତାଙ୍କ ଘରେ ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୀତଳ ଷଷ୍ଠୀ ଯାତ୍ରା ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଆମ ସମ୍ବଲପୁର ସମ୍ବାଦଦାତା ଗୁଣମଣି ବିଶ୍ୱାଳ .......

**- V/O –**

Desk

## ନାମ ସଂଶୋଧନ ପ୍ରକ୍ରିୟା

ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ନାମରେ ଥିବା ତ୍ରୁଟି ସଂଶୋଧନ ପାଇଁ ଆସନ୍ତା ଏକମାସ ମଧ୍ୟରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସମସ୍ତ ପ୍ରତିଷ୍ଠାନର ଶୁଦ୍ଧ ଲେଖନୀ ଏବଂ ଉଚ୍ଚାରଣ ନିଶ୍ଚିତ କରାଯିବ। ନାମକରଣରେ ଥିବା ଅସଙ୍ଗତି ଦୂର କରିବା ସହ ଭାଷା ଓ ଐତିହ୍ୟର ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବାପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ପ୍ରତିଷ୍ଠାନଗୁଡ଼ିକର ନାମ ସଂଶୋଧନ ପାଇଁ କେନ୍ଦ୍ରକୁ ଚିଠି ଲେଖାଯିବ ବୋଲି ମନ୍ତ୍ରୀ କହିଛନ୍ତି।

Desk

## ଗଣଯୋଗ ଅଭିଯାନ

ଅନ୍ତର୍ଜାତୀୟ ଯୋଗଦିବସ ୨୦୨୬ ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଗିନିଜ ୱାର୍ଲଡ ରେକର୍ଡ ପାଇଁ

ଗଣଯୋଗ ଅଭିଯାନ ଆସନ୍ତାକାଲି ସକାଳ ୬ଟା ୧୫ରୁ ୭ଟା ୩୫ ମିନିଟ୍ ପର୍ଯ୍ୟନ୍ତ ଆଭାସୀ ମାଧ୍ୟମରେ ଆୟୋଜିତ ହେବ। ଏହି ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଟୋଲ୍-ଫ୍ରି ନମ୍ବର ୧୮୦୦-୩୧୫-୭୦୦୮କୁ ଏକ ମିସ୍‌ଡ କଲ୍ କରି ଆଗ୍ରହୀ ବ୍ୟକ୍ତିମାନେ ନିଜର ନାମ ପଞ୍ଜୀକରଣ କରିପାରିବେ।

Desk

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ। ରଜସଂକ୍ରାନ୍ତି ପାଇଁ ସରକାରୀ ଛୁଟିଦିନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯିବ।

Dhenkanal

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଛନ୍ତି। ଯୋଜନାରେ ଜାତୀୟ ଖାଦ୍ୟସୁରକ୍ଷା ଓ ରାଜ୍ୟ ଖାଦ୍ୟସୁରକ୍ଷା ହିତାଧିକାରୀଙ୍କୁ ନିଃଶୁଳ୍କ ଆଉ ୫ କେଜି ଚାଉଳ ଯୋଗାଇ ଦିଆଯିବ। ଏହି

ଆଧାରରେ ଢେଙ୍କାନାଳ ଜିଲ୍ଲାରେ ମୋଟ ୩ ଲକ୍ଷ ୧ ହଜାର ୫୪୨ ଜଣ ହିତାଧିକାରୀ ଉପକୃତ ହେବେ ।

Gajapati

## ଯୁକ୍ତଧାରା ପୋର୍ଟାଲ

ଗଜପତି ଜିଲ୍ଲା କାଶୀନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଯୁକ୍ତଧାରା ପୋର୍ଟାଲ ସମ୍ପର୍କିତ ଅନୁଧ୍ୟାନ ବୈଠକ ଅନୁଷ୍ଠିତ ହୋଇଯାଇଛି । କାଶୀନଗର ବ୍ଲକ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୋର୍ଟାଲର ବ୍ୟବହାର ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଛନ୍ତି ।

Nayagarh

## ବିକାଶର ଧାରା ଓଡ଼ିଶା ସାରା

ନୟାଗଡ଼ ଜିଲ୍ଲାରେ "ବିକାଶର ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମବାୟ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତରାୟ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକାରିତା ଓ ସୁଫଳ ସମ୍ପର୍କରେ ଆଲୋଚନା କରିଥିଲେ ।

Nuapada

## ବହୁମୁଖୀ ହଲ୍ ଉଦ୍‌ଘାଟନ

ନୂଆପଡା ଜିଲ୍ଲା ଖରିଆର ରୋଡ଼ସ୍ଥିତ ଆଦିବାସୀପଡ଼ାଠାରେ ୫୦୦ କ୍ଷମତାବିଶିଷ୍ଟ ବହୁମୁଖୀ ହଲ୍‌କୁ କଳାହାଣ୍ଡି ସାଂସଦ ମାଳବିକା ଦେବୀ

ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସାମାଜିକ, ସାଂସ୍କୃତିକ ଓ ସମୁଦାୟଭିତ୍ତିକ କାର୍ଯ୍ୟକଳାପ ସହିତ ବିଭିନ୍ନ ସଭାସମିତି, ବୈଠକ ଆଦି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଶ୍ରୀମତୀ ମାଳବିକା ଦେବୀ କହିଛନ୍ତି।

Bhadrak

## ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲାର ୭ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର୍ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବୁଥ୍‌ସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଜନସାଧାରଣଙ୍କୁ ଭୋଟର ତାଲିକା ତ୍ରୁଟି ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ସମ୍ପର୍କରେ ମାର୍ଗଦର୍ଶନ କରାଉଛନ୍ତି।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ରାଜ୍ୟର ଉପକୂଳ ଅଞ୍ଚଳରେ ପ୍ରବେଶ କରିବା ପରେ ବର୍ତ୍ତମାନ ଉତ୍ତର ଭାଗକୁ ଅଗ୍ରସର ହେଉଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ମୌସୁମୀ ପ୍ରଭାବରେ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ପାଗ ଅନୁକୂଳ ଥିବାରୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀବାୟୁ

ରାଜ୍ୟର ଅଧିକାଂଶ ସ୍ଥାନକୁ ଅଗ୍ରସର ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଗରମ ଓ ଗୁଳୁଗୁଳି ନେଇ ଆଜି ଓ ଆସନ୍ତାକାଲି ପାଇଁ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭଦ୍ରକ ଜିଲ୍ଲାର ଭଣ୍ଡାରୀପୋଖରୀରେ ସର୍ବାଧିକ ୬୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।